ଦିଲ୍ଲୀ ନ୍ୟାୟିକ ସେବା ସଂଘ (ପଞ୍ଜୀକୃତ)

ବନାମ

ସଚିବଙ୍କ ମାଧ୍ୟମରେ ଭାରତ ସଂଘ ଏବଂ ଅନ୍ୟମାନେ

ଜୁଲାଇ 7, 1997

[କେ. ରାମାସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ନ୍ୟାୟାଳୟ – ତିସ୍ ହଜାରୀ ନ୍ୟାୟାଳୟ – ଆସନ ସୁବିଧା ସ୍ଥାନର ସ୍ୱଳ୍ପତା – ସର୍ବୋଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ରିଟ୍ ଆବେଦନ – ତିନିଜଣ ଅଧିବକ୍ତାଙ୍କ ସମିତି ଗଠନ କରାଯାଇଥିଲା – ସେମାନଙ୍କର ବିବୃତି ଯେ, କିଛି କକ୍ଷ ଖାଲି ଅଛି – ରାଜସ୍ୱ ବିଭାଗ ଦ୍ୱାରା ଏକ କକ୍ଷ ବ୍ୟବହାର କରାଯାଇଛି – ରାଜସ୍ୱ ବିଭାଗ ଦ୍ୱାରା ରଖିବାକୁ ଅନୁମତି ଦିଆଯାଇଛି – ଅନ୍ୟ ଖାଲି କକ୍ଷଗୁଡ଼ିକୁ ଛଅ ସପ୍ତାହ ମଧ୍ୟରେ ଉଚ୍ଚ ନ୍ୟାୟାଳୟର ନିବନ୍ଧକଙ୍କୁ ହସ୍ତାନ୍ତର କରାଯିବ – ଜିଲ୍ଲା ବିଚାରପତି ସେହି କକ୍ଷଗୁଡ଼ିକରେ ନ୍ୟାୟାଳୟ ବ୍ୟବସ୍ଥା ପାଇଁ ଆବଶ୍ୟକ ପରିମାଣ ଉପରେ ଉଚ୍ଚ ନ୍ୟାୟାଳୟରେ ବିବୃତି ଦାଖଲ କରିବେ – ବିଚାରପତିମାନଙ୍କ ପ୍ରଶାସନିକ ସମିତି ଅଟକଳ ଚୂଡ଼ାନ୍ତ କରିବାକୁ ଅନୁରୋଧ କରିଛନ୍ତି – ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ସରକାରଙ୍କୁ ଅଟକଳ ପଠାଇବାକୁ ଅନୁରୋଧ କରିଛନ୍ତି ଏବଂ ସରକାରଙ୍କୁ ମଞ୍ଜୁରି ଦେବା ପାଇଁ ହେବ – ସିପିଡବ୍ଲ୍ୟୁଡିକୁ ମରାମତି ଇତ୍ୟାଦି କାର୍ଯ୍ୟ ସମାପ୍ତ କରିବା ଉଚିତ – ପର୍ଯ୍ୟାୟକ୍ରମେ ସମୟ-ସୀମା ଧାର୍ଯ୍ୟ କରିବା ଉଚିତ ।*

ଦେୱାନୀ ମୂଳ କ୍ଷେତ୍ରାଧିକାର : ରିଟ୍ ଆବେଦନ (ସି) ସଂଖ୍ୟା 741/1989

ଭାରତର ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ।

ଆବେଦନକାରୀଙ୍କ ପାଇଁ ପି.ପି. ରାଓ, ଟି.ସି. ଶର୍ମା, ଅଜୟ ଶର୍ମା, ନୀଲମ ଶର୍ମା, ସୁନୀଲ ମଲ୍-ହୋତ୍ରା ଏବଂ ଶ୍ରୀ ଜେ.କେ. ଦାସ ।

ଉତ୍ତରଦାତାମାନଙ୍କ ପାଇଁ ଅରୁଣ ଜେଟଲୀ, ଏ.ଏସ୍. ନାମ୍ବିଆର, ଏ. ସୁଭାଶିନୀ, ଅଶୋକ ଭାନ, ଡି. ଏସ୍. ମେହେରା, ଡି.ଏନ୍. ଗୋବର୍ଦ୍ଧନ, ଏ.କେ. ଶ୍ରୀବାସ୍ତବ, ଭି.କେ. ବର୍ମା, ବିବେକ ଶର୍ମା, ନାନିତା ଶର୍ମା, ଭି.ବି. ସହରାୟା, ରାଜ ପଞ୍ଜୱାନୀ ଏବଂ ଶ୍ରୀ ବିଜୟ ପଞ୍ଜୱାନୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମେ 5, 1997 ତାରିଖର ଆମ ଆଦେଶ ଅନୁସାରେ, ଆମେ ତିନି ଜଣ ଅଧିବକ୍ତା ଯଥା, ଶ୍ରୀ ପି.ପି. ରାଓ, ହରିଶ ସାଲଭେ ଏବଂ ଏହି ନ୍ୟାୟାଳୟର ବିଜ୍ଞ ବରିଷ୍ଠ ଅଧିବକ୍ତା, ଅରୁଣ ଜେଟଲୀଙ୍କୁ ନେଇ ଏକ ସମିତି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛୁ । ଏହି ସମିତିକୁ ସେ ତିସ୍ ହଜାରୀ ନ୍ୟାୟାଳୟ ପରିଦର୍ଶନ କରିବାକୁ ଏବଂ ଯଦି ନ୍ୟାୟଳୟ ବ୍ୟବସ୍ଥା ପାଇଁ ଉଚ୍ଚ ନ୍ୟାୟାଳୟଙ୍କୁ ଏହି ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଦେଶ ଦିଆଯାଏ, ହସ୍ତାନ୍ତର କରାଯିବା ପାଇଁ ଥିବା  ଖାଲି କକ୍ଷ ଉପରେ ଏକ ବିବୃତି ଦାଖଲ କରିବାକୁ ଅନୁରୋଧ କରାଯାଇଥିଲା । ଉପରୋକ୍ତ ନିର୍ଦ୍ଦେଶ

ଅନୁଯାୟୀ, ସମିତିର ସଦସ୍ୟମାନେ ମେ ୪, 1997 ତାରିଖରେ (4 ଜୁଲାଇ, 1997 ଅର୍ଥାତ ନିରୀକ୍ଷଣ ପାଇଁ ଦିଆଯାଇଥିବା ତାରିଖ ପରିବର୍ତ୍ତେ) ଏହି ପରିସର ପରିଦର୍ଶନ କରିଥିଲେ ଏବଂ ବିବୃତି ପ୍ରଦାନ କରିଥିଲେ । ଏହି ବିବୃତି ସୂଚିତ କରେ ଯେ, କକ୍ଷ ସଂଖ୍ୟା 346, 347, 354-A, 354-B, 359, 156,145, 361, 361-B, 361-C, 361-D, କକ୍ଷ ସଂଖ୍ୟା 361, 274-A ଏବଂ 274-B ସହିତ ସଂଲଗ୍ନ ଥିବା କକ୍ଷଗୁଡ଼ିକ ଖାଲି ରହିଛି । ଯଦିଓ ସେମାନଙ୍କ ବିବୃତି ଏହା ମଧ୍ୟ ସୂଚାଉଛି ଯେ, କକ୍ଷ ସଂଖ୍ୟା 34୪ ଖାଲି ଅଛି, ଶ୍ରୀ ଡି.ଏନ୍. ଗୋବର୍ଦ୍ଧନଙ୍କ ଦ୍ୱାରା କରାଯାଇଥିବା ଦୃଢୋକ୍ତିକୁ ଦୃଷ୍ଟିରେ ରଖି ଯେ, ଏହି କକ୍ଷଟି ତହସିଲଦାରଙ୍କ ଦ୍ୱାରା ବ୍ୟବହୃତ ହେଉଛି, ଆମେ ନିର୍ଦ୍ଦେଶ ଦେଉଛୁ ଯେ, କକ୍ଷ ସଂଖ୍ୟା 34୪ ରାଜସ୍ୱ ବିଭାଗ ଦ୍ୱାରା ରଖାଯାଇପାରିବ ଏବଂ ଅବଶିଷ୍ଟ କକ୍ଷଗୁଡ଼ିକ ଆଜିଠାରୁ ଛଅ ସପ୍ତାହ ମଧ୍ୟରେ ଉଚ୍ଚ ନ୍ୟାୟାଳୟର  ନିବନ୍ଧକଙ୍କୁ ହସ୍ତାନ୍ତର କରାଯିବ । ଏପରି ହସ୍ତାନ୍ତର କରାଯିବା ପରେ, ତୀସ୍ ହଜାରୀ ନ୍ୟାୟାଳୟର ଜିଲ୍ଲା ବିଚାରପତି ଦଖଲ ଗ୍ରହଣ କରିବାର ଚାରି ସପ୍ତାହ ମଧ୍ୟରେ ଉପରୋକ୍ତ କକ୍ଷରେ ନ୍ୟାୟାଳୟ ବ୍ୟବସ୍ଥା ପାଇଁ ଆବଶ୍ୟକ ପରିମାଣ ଉପରେ ଉଚ୍ଚ ନ୍ୟାୟାଳୟରେ ଏକ ବିବୃତି ଦାଖଲ କରିବା ଉଚିତ । ଉଚ୍ଚ ନ୍ୟାୟାଳୟର ନିବନ୍ଧକଙ୍କୁ ଏହି ପ୍ରସଙ୍ଗକୁ ଜଡ଼ିତ ଥିବା ପ୍ରଶାସନିକ ସମିତି ସମ୍ମୁଖରେ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ ବିଚାରକୁ ନେଇଥିବା ବିଜ୍ଞ ବିଚାରପତିମାନଙ୍କୁ ଅଟକଳକୁ ଚୂଡ଼ାନ୍ତ କରିବାକୁ ଅନୁରୋଧ କରାଯାଇଛି ଏବଂ ତା'ପରେ ବିଜ୍ଞ ମୁଖ୍ୟ ବିଚାରପତିଙ୍କୁ ଉପଯୁକ୍ତ ପ୍ରଶାସନିକ ଏବଂ ଆର୍ଥିକ ମଞ୍ଜୁରି ପାଇଁ ସରକାରଙ୍କୁ ଏହାକୁ ଦାଖଲ କରିବାକୁ ଅନୁରୋଧ କରାଯାଇଛି । ବିବୃତିର ପ୍ରାପ୍ତି ତାରିଖ ଠାରୁ ଚାରି ସପ୍ତାହ ମଧ୍ୟରେ ଆବଶ୍ୟକ ମଞ୍ଜୁରି ଦେବାକୁ ଏନ୍ ସି ଟିକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ପରେ, ନିବନ୍ଧକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ଉପରୋକ୍ତ କକ୍ଷଗୁଡ଼ିକରେ ନ୍ୟାୟାଳୟ ବ୍ୟବସ୍ଥା କରିବା ପାଇଁ ଏହାକୁ ସିପିଡବ୍ଲ୍ୟୁଡିକୁ ହସ୍ତାନ୍ତର କରନ୍ତୁ, ଯାହା ପରେ ଦୁଇ ମାସ ମଧ୍ୟରେ ସେଗୁଡ଼ିକୁ ସମ୍ପୂର୍ଣ୍ଣ କରାଯିବ ।

ସେହି ଅନୁଯାୟୀ ରିଟ୍ ଆବେଦନକୁ ଆଦେଶ ଦିଆଯାଇଛି ।

ଉଚ୍ଚ ନ୍ୟାୟାଳୟ ତରଫରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ସୁଶ୍ରୀ ଏ. ସୁଭାଶିନୀଙ୍କୁ ବିଜ୍ଞ ଅଧିବକ୍ତା ଶ୍ରୀ ଅରବିନ୍ଦ କୁମାର ଶର୍ମା ଯିଏ ଆବଶ୍ୟକ ନିର୍ଦ୍ଦେଶ ପାଇବା ପାଇଁ ରେଳବାଇ ପ୍ରଶାସନ ତରଫରୁ ହାଜର ହୋଇଛନ୍ତି ତାଙ୍କୁ ଦସ୍ତି ଦ୍ୱାରା ବିଜ୍ଞପ୍ତି ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଚାରପୀଠ ଯାହାର ମାନ୍ୟବର ନ୍ୟାୟମୂର୍ତ୍ତି ଶ୍ରୀଯୁକ୍ତ ଡି. ପି. ୱାଧୱା ଜଣେ ସଦସ୍ୟ ଅଛନ୍ତି ତାଙ୍କ ସମ୍ମୁଖରେ ଏହା ତରଫରୁ ଦୁଇ ସପ୍ତାହ ପରେ ଏହି ପ୍ରସଙ୍ଗକୁ ତାଲିକାଭୁକ୍ତ କରନ୍ତୁ ।

ଜି. ଏନ୍. ଆବେଦନର ପରିସମାପ୍ତି କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : - ରଶ୍ମିତା ସାହୁ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ